



Digitized by srujanika@gmail.com

# ଫୁଲବନ

କାନନ ମିଶ୍ର

ସମର୍ଥା ପବ୍ଲିକେଶନ୍

*Digitized by srujanika@gmail.com*

# ଫୁଲବନ

(ଶିଶୁ କବିତା ସଂକଳନ)


ଲେଖିକା
କାନନ ମିଶ୍ର

ପ୍ରଥମ ପ୍ରକାଶ :
ସାବିତ୍ରୀ ବ୍ରତ - ୨୦୦୫

ପ୍ରକାଶକ :
ସମର୍ଥ ପବ୍ଲିକେଶନ୍
୨୦, ଲୁଇସ୍ ରୋଡ, ଫାଷ୍ଟ ଲେନ୍
ରବି ଟକିଜ୍ ସ୍କୋୟାର, ଭୁବନେଶ୍ୱର - ୧୪
ଫୋନ୍ : ୨୪୩୧୮୧୯

ଅକ୍ଷରସଜ୍ଜା ଓ ମୁଦ୍ରଣ
ଶ୍ରଦ୍ଧାଞ୍ଜଳି
ରାମେଶ୍ୱର ପାଟଣା, ଭୁବନେଶ୍ୱର

ପ୍ରଚ୍ଛଦ ଓ ଅଳଂକରଣ
ମଧୁମିତା

ମୂଲ୍ୟ : ତିରିଶି ଟଙ୍କା ମାତ୍ର


**PHULA BANA**

(Poems for Children)


Author :
**Kanan Mishra**

First Edition :
Sabitree Brata - 2005 A.D.

Published by :
**Samartha Publication**
20, Lewis Road, First Lane
Ravi Talikes Square
Bhubaneswar, Ph. : 2431819

Page Layout & Printed at
**Shradhanjali**
Rameswarpatana,
Bhubaneswar

Cover & Inner Art
**Madhumita**

Price : Rs. 30/-


*Digitized by srujanika@gmail.com*

# ଉତ୍ସର୍ଗ

ଶ୍ରୀ ବିପିନ ବିହାରୀ ମିଶ୍ର

ଏବଂ

ଶ୍ରୀମତୀ ପ୍ରତିଭା ମିଶ୍ରଙ୍କ ସ୍ମୃତିରେ

*Digitized by srujanika@gmail.com*

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| କେମିତି ମଉଜ ହୁଅନ୍ତା | ୧ |
| ମିଶାଣ | ୩ |
| ଝିଅଙ୍କ ଭିତରେ ଝିଅଟିଏ | ୫ |
| ଭଲ ଲାଗେ ମୋତେ | ୬ |
| ମାଟିରେ ମାଟି | ୮ |
| ଡାକ | ୯ |
| ବେଳେ ବେଳେ ମାଆ ଗୋ | ୧୧ |
| ସୂରୁଜ ଭାଇ | ୧୩ |
| ଗାଆଁ ପୋଖରୀ | ୧୫ |
| ଚାଲଯିବା ସେଇ ଦେଶକୁ | ୧୭ |
| ବସୁଧା ଏ ଫୁଲ କିଆରୀ | ୧୯ |
| ସମୟ | ୨୧ |
| ପକ୍ଷୀ ଓ ଫୁଲ | ୨୩ |
| ଶୁଆରେ ଶୁଆ | ୨୪ |
| ବରଷା ରାଣୀ | ୨୬ |
| ଶୀତ ଋତୁ ଏବେ ଆସିଲା | ୨୮ |
| ମାସ ବଇଶାଖ ଅଇଲା | ୩୦ |
| ଆସିଗଲା ନୂଆ ବରଷ | ୩୨ |

| ବିଷୟ | ପୃଷ୍ଠା |
|---|---|
| ତ-ଥ-ଦ-ଧ | ୩୩ |
| ଫୁଲରେ ଫୁଲ | ୩୪ |
| ଜୁଳୁଜୁଳିଆ | ୩୬ |
| ଦୁଇ ମୂଷାଙ୍କ କାହାଣୀ | ୩୭ |
| ଦଶରା ପରବ ଆସିଲା | ୩୯ |
| ରଜ ଦୋଳି ଗୀତ | ୪୦ |
| ଭାଷାର କୁହୁକ | ୪୧ |
| ଏଇ ଦେଶ ନାଆଁ ଭାରତ | ୪୩ |
| ହସ ଖେଳ | ୪୫ |
| ହାତୀ | ୪୭ |
| ଜେଜେ ମାଆଙ୍କର ବରାଦ | ୪୯ |
| ଆଇର ଶାଢ଼ି | ୫୧ |
| ଦୋଳ ଆସିଗଲା | ୫୩ |
| ଦୁଇଟି ମୋର ହାତ | ୫୪ |
| ନଡିଆ ଗଛ | ୫୫ |
| ଚଢେଇ | ୫୭ |
| ପତର | ୫୯ |


Digitized by srujanika@gmail.com

# କେମିତି ମଉଜ ହୁଅନ୍ତା



ଅଶିଣ ଆକାଶ ସୁନୀଳ ନହେଇ
ହେଇଥାନ୍ତା ଯଦି ଶାଗୁଆ
ପାଚିଲା ପଣସ ମଧୁର ନଲାଗି
ଲାଗୁଥାନ୍ତା ଯଦି ରାଗୁଆ
ମହୁମାଛି ଯଦି ମିତଟିଏ ହୋଇ
କାନେ ମୋର କଥା କହନ୍ତା
ହସି କହେ କାହ୍ନୁ କୁହତ ମାଆ ଗୋ
କେମିତି ମଉଜ ହୁଅନ୍ତା ।





ଆଳୁକୁ କହନ୍ତେ ଫୁଲକୋବି ଆଉ
କୋବିକୁ କହନ୍ତେ ଗାଜର
ତାଳି ମାରିଦେଲେ ସପନ ରାଇଜ
ପରୀଟି ହୁଅନ୍ତା ହାଜର
କୋଇଲି ଶୁଣାନ୍ତା କାଆ ଡାକ, କାଉ
କୁହୁସ୍ୱରେ ଯଦି ଗାଆନ୍ତା
ହସି କହେ କାହ୍ନୁ କୁହତ ମାଆଗୋ
କେମିତି ମଉଜ ହୁଅନ୍ତା ।



Digitized by srujanika@gmail.com

ଆକାଶ ରହନ୍ତା ମାଟି ତଳେ, ଆଉ
ମାଟି ରହିଥାନ୍ତା ଉପରେ
ତାରାମାନେ ଆସି ଇଟକି ଯାଆନ୍ତେ
ଆମ ଚାଳ ଘର ଛପରେ
ପାହାଡୀ ଝରଣା ବାଟ ଭୁଲି ଯଦି
ଉପର ଆଡକୁ ବହନ୍ତା
ହସି କହେ କାହ୍ନୁ କୁହତ ମାଆଗୋ
କେମିତି ମଉଜ ହୁଅନ୍ତା ।






ମଣିଷ ହୁଅନ୍ତେ ମଶାପରି, ମଶା
ବଡିକି ହୁଅନ୍ତେ ଜିରାଫ
ଖରାପକୁ ଲୋକେ ଭଲ କହୁଥାନ୍ତେ
ଭଲକୁ କହନ୍ତେ ଖରାପ
ମହାବଳ ବାଘ ପୋଷାମାନି ଯଦି
ଘରେ ଆସି ଆମ ରହନ୍ତା
ହସି କହେ କାହ୍ନୁ କୁହତ ମାଆଗୋ
କେମିତି ମଉଜ ହୁଅନ୍ତା ।



ନବାତ ମିଶନ୍ତା ନଈର ପାଣିରେ
ମିଠେଇ ଫଳନ୍ତା ଡାଳରେ
ଜେଜେମା ରାନ୍ଧନ୍ତେ ତବତ ଖେଚେଡି
ଟୁକୁଡା ବରଫ ଢାଳରେ
ପୂନେଇଁ ଜହ୍ନ ତା ହାତଟି ବଢେଇ
ଥରେ ଯଦି ମୋତେ ଛୁଅଁନ୍ତା
ହସି କହେ କାହ୍ନୁ କୁହତ ମାଆଗୋ
କେମିତି ମଉଜ ହୁଅନ୍ତା





Digitized by srujanika@gmail.com

# ମିଶାଣ



ବାପା ଦେଇଥିଲେ ଟଙ୍କାଟିଏ ମୋତେ
ଖାଇବା ପାଇଁକି ମିଠେଇ
ନୂଆଟଙ୍କାଟିଏ ହାତେ ଦେଇ, ଗାଆଁ
ଫେରିଗଲେ ବଡ ଦେଠେଇ ।
ଦୁଇଟଙ୍କା ଥିଲା, ବୋଉ ଦେଲା ଟଙ୍କେ
କହିଲା ଖାଇବୁ ଖୁଡୁମା
ତିନୋଟି ଟଙ୍କାକୁ ଗଣୁଥିଲି ଯେବେ
ପୁରୀରୁ ଆସିଲେ ଖୁଡୀମା ।
ଖୋଷଣୀ କରାଟ ଖୋଲିକି ଖୁସିରେ
ଟଙ୍କାଟିଏ ଦେଲେ ବଢେଇ
ଚାରିଟଙ୍କା ହେଲା ଲୁଚାଇ ରଖିଲି
କାଲେ କିଏ ନବ ଛଡେଇ ।




ପରଦିନ ଡାକି ଜେଜେ ଦେଲେ ଟଙ୍କେ
ଭଲ ପିଲା ବୋଲି କହିକି
ପାଞ୍ଚଟି ଟଙ୍କାକୁ ନିରେଖି ଲାଗିଲି
ପାପୁଲି ଉପରେ ଥୋଇକି
ଆହୁରି ଟଙ୍କାଏ ଚୁନୁଭାଇ ଦେଲେ
ପାଇଲେ ଯେମିତି ଦରମା
ଖୁସିରେ ଛଟଙ୍କା ଦେଖାଇଲି ଯେବେ
ଆସିଲା ସଙ୍ଗାତ ସୁରମା
ଜେଜେମାଆଙ୍କର ବୋଲ କରିଥିଲି
ଯାଚିକି ଦେଲେ ସେ ଟଙ୍କାଏ
କହିଲେ ଖାଇବୁ ପିଆଜି ଯୋଡିଏ
ସାଥିରେ ଡାଲମା ଡଙ୍କାଏ



Digitized by srujanika@gmail.com

ସାତଟଙ୍କା ହେଲା ନାନୀ ଆସିଥିଲା
ବୁଲିବା ପାଇଁବି ଘରକୁ
ଟଙ୍କାଟିଏ ଦେଇ କହିଲା ରଖିଥା
ବେଶୀ ଦେବି ଆରଥରକୁ ।
ନାନୀ ଟଙ୍କା ମିଶି ଆଠଟଙ୍କା ହେଲା
ଅଗଣା ଖଟରେ ବସିକି
ପାନ ଭାଙ୍ଗୁ ଭାଙ୍ଗୁ ଏଇନେ ଟଙ୍କାଏ
ଭିଣେଇ କହିଲେ ହସିକି ।



ଥର ଥର କରି ଗଣି ମୁଁ ଲାଗିଲି
ଟଙ୍କା ହେଲା ଏବେ ନଅଟି
ଭାଉଜ କହିଲେ ଟଙ୍କେ ଦେଲେ କୁନି
କଅଣ କରିବ କହଟି ।
ଭାଉଜଙ୍କ ଟଙ୍କା ମିଶିଗଲା ଯେବେ
ଦଶଟଙ୍କା ହେଲା ମୋହର
ଭାବୁଛି କିଣିବି ଗପ ବହିଟିଏ
ବୁଲି ଗଲେ କେବେ ସହର ।




Digitized by srujanika@gmail.com

# ଝିଅଙ୍କ ଭିତରେ ଝିଅଟିଏ



ଝିଅଙ୍କ ଭିତରେ ଝିଅଟିଏ ଥିଲା
କଳ୍ପନା ଥିଲା ନାଆଁ
ଏଇ ଭାରତରେ ଜନମ ତାହାର
କର୍ନାଲ୍ ତାର ଗାଆଁ ।
ତୁଳସୀ ବାସର ଦୁଇପତରରୁ
କଡ଼ରୁ ବାସର କିଆ
ପିଲାଦିନୁ ଝିଅ ପାଠରେ ବାଢ଼ଲା
ଭୁଲିଯାଏ ଭାତ ଖିଆ ।
ଗେଲବସରିଆ ଝିଅ ପହଞ୍ଚିଲା
ଆମେରିକା ହେଉ ବଡ଼
ବିମାନ ଚାଳନା ପାଠ ପଢ଼ିବାକୁ
ଶୁଣି ବୁଦ୍ଧି ହୁଏ ଜଡ଼ ।
ତରାଫୁଲଫୁଟୀ ଗଗନ ଗାରିମା
ଝିଅକୁ ନିରତ ଟାଣେ
ଯେତେ ବି ପଢ଼ିଲେ ମହାକାଶ କଥା
ମନ ତାର ନାହିଁ ମାନେ ।



ଝିଅର ସପନ ସତ ହେଲା ଦିନେ
ଧରି ମହାକାଶ ଯାନ
ନୀଳନଭ ଚିରି ଉଡ଼ିଲା ଯାଇସେ
ଉଲୁସି ଉଠିଲା ପ୍ରାଣ ।
ବିଧିର ବିଧାନ କେ କରିବ ଆନ
ସହସା କେଜାଣି କିଆଁ
ଅଚଳ ହୋଇଲା ଯାନର କବଚ
କୁହୁଳି ଉଠିଲା ନିଆଁ ।
ଆକାଶକୁ ଝିଅ ଭଲ ପାଉଥିଲା
ଆକାଶେ ହୋଇଲା ଲୀନ
ମନେ ପଡୁଥିବ ସାହସୀ ଝିଅର
କାହାଣୀଟି ବହୁଦିନ ।



Digitized by srujanika@gmail.com

# ଭଲ ଲାଗେ ମୋତେ



ଭଲ ଲାଗେ ମତେ ପୂରଦିଆ ମିଠା କାକରା
ଫଗୁଣ ସକାଳେ ଚଗଲା ପିକର ଡାକରା
ଭଲ ଲାଗେ ଦୋଳି ରଙ୍ଗର
ପତା ମେଲି ଯେବେ ଗୋଲାପ କଢିଟି
ପକାଏ ମୋ ଆଡେ ନଜର ।





ଭଲ ଲାଗେ ମତେ ପୂନେଇଁ ଜହ୍ନର ରୋଷଣୀ
ଜଗତନାଥଙ୍କ ନାକରେ ଓହଳା ବସଣୀ
ଭଲ ଲାଗେ ବୋଉ ହାତରେ
ରନ୍ଧା ହୋଇଥିବା ତବତ ଖେଚେଡି
ଡାଲି, ତରକାରୀ, ଭାତ ରେ ।



ଭଲ ଲାଗେ ମତେ ଯିବାକୁ ଦଶରା ଯାତକୁ
ଦେଖାଇବା   ପାଇଁ ବାଟ ଧରି ଅନ୍ଧ ହାତକୁ
ଭଲ ଲାଗେ ବୁଢୀ ଆଈଟି
ଦରକାର ବେଳେ କରିଦବା ପାଇଁ
କିଛି କିଛି ଘରେ ପାଇଟି ।

ଭଲ ଲାଗେ ମତେ ପଣସ, ପିଚ୍ଛୁଳି ପାଚିଲା
ମୟୂର ଯଦି ସେ ଆଳଟ ମେଲାଇ ନାଚିଲା
ଭଲ ଲାଗେ କୁଆପଥର
ଟୁପୁରୁ ଟୁପୁରୁ ବରଷା ବୁନ୍ଦାରେ
ନୁଏଁ ଯେବେ ସାରୁପତର ।



ଭଲଲାଗେ ମତେ ପଢ଼ିବାକୁ ନୂଆ କାହାଣୀ
ସଂଜୁଆ ତାରାର ଝିକିମିକି ଚୋରା ଚାହାଣୀ
ଭଲ ଲାଗେ ମାଛ ଗଡ଼ିଶା
ସବୁଠୁ ବେଶୀକି ଭଲ ଲାଗେ କିନ୍ତୁ
ମନ୍ଦିର ମାଳିନୀ ଓଡ଼ିଶା ।



Digitized by srujanika@gmail.com

# ମାଟିରେ ମାଟି



ମାଟିରେ ମାଟି
ତୋ ଲାଗି ଖାଉଚୁ ଫସଲ କାଟି
ଆପଣା ଦେହରୁ ଜନମ
କେମିତି କରୁଚୁ ମନ୍ଦାର, ମଲ୍ଲି
ବୁଝିପାରେ ନାହିଁ ମନ ମୋ ।

ମାଟିରେ ମାଟି
ସେନେହ ତୋହର ନିରୋଳା ଖାଣ୍ଟି
ଧନୀ ହେଉ ଅବା ଗରିବ
ଫୁଲ ଫଳ ଦେଉ ସବୁରି ହାତେ
ଗୁଣ ତୋ ଗାଇକି ସରିବ ?



ମାଟିରେ ମାଟି
ବରଷାରେ ଦେଲେ ବିହନ ଛାଟି
ଗଜୁରାଇ ଯାଉ ଅଙ୍କୁର
କେଉଁଠୁ ଆଣୁଚୁ ନବାତ, ଚିନି
ଭରିବାକୁ ରସେ ଆଖୁର ?

ମାଟିରେ ମାଟି
କଅଁଳ ଦେହ ତୋ ଯାଉଛି ଫାଟି
ଖାଇକି କୋଦାଳ ପାହାର
ତେବେ ବି ଦେଉଛୁ ଆଦର କରି
ମୁହଁରେ ଆମର ଆହାର ।

ମାଟିରେ ମାଟି
ଆପଣା ସଂପଦ ଦେଉଛୁ ବାଣ୍ଟି
ଜୀବନ ତୋହରି ଦୟାରୁ
ଖାଲି ହାତେ କେବେ ଫେରେନି କେହି
ମୁକୁଳା ତୋହରି ଦୁଆରୁ ।



ମାଟିରେ ମାଟି
ତୋ ଲାଗି ଖାଉଚୁ ହାତକୁ ଚାଟି
ମିଠା ମିଠା ଆମ୍ବ ପଣସ
ସେବା ତୋ ସବୁଠୁ ମହତ କାମ
ବୁଝି କି ପାରେ ତା ମଣିଷ ?



Digitized by srujanika@gmail.com

# ଡାକ




ଆଈ କରୁଥିଲେ ସାଆତ ଚକୁଳି
ଶୁଭିଲା ଚଉଦ ଚୈଁ
ଘରମଣି ହେଲେ ଭୋକରେ ଆତୁର
ଡାକୁଥାଏ ମେଁ ମେଁ ।







କୁକୁଡା ଡାକଇ କକର କକର
ରାତି ପାହିହେଲେ ଭୋର
ହୁଁଉଁ, ହୁଁଉଁ ପେଚା ଡାକିଲେ ଛାତିରେ
ଛନକା ପଶଇ ମୋର ।
କଇଁ ଫୁଲ ଧୋବ କଅଁଳା ବାଛୁରୀ
ଡାକେ ହମ୍ବା ହମ୍ବା ଡାକ
ଖେଏଁ ଖେଏଁ ହନୁମାଙ୍କଡ ଖିଙ୍କାରେ
ମାଡେନି ମୁଁ ତାର ପାଖ ।



ଘରଚଟି କରେ କିଚିରି ମିଚିରି
ଡିମିରି ଡାଳରେ ବସି
ପାରା ଘୁମୁରଇ ଘୁମୁରୁ ଘୁମୁରୁ
କୋରଡ ଭିତରେ ପଶି ।
ଚିଇଁ ଚିଇଁ କରେ ଚେମେଣି ଚଢେଇ
ଓଲଟା ଓହଳି ଛାତେ
ଟିକ୍ ଟିକ୍ ଟିକ୍ କରେ ଝିଟିପିଟି
ପେଟରେ ଲେପେଟି କାନ୍ଥେ ।




Digitized by srujanika@gmail.com


ରାତି ଅଧ ହେଲେ ବିଲୁଆ ଡାକଇ
ହୁକେ ହୋ' ହୁକେ ହୋ'
ନାଗଣ କୁକୁର ଅଜଣା ମଣିଷ
ଦେଖିଲେ ଭୁକଇ ଭୋ ।
ବୋଉ କହେ ଆଜି କୁଣିଆ ଆସିବେ
ଡାମରା ଡାକିଲେ କାଆ
କୁହୁକୁହୁ ଡାକେ ଫଗୁଣେ କୋଇଲି
ବହିଲେ ମଳୟ ବାଆ ।








ଝିଙ୍କାରୀ ଧରଇ ଝାଇଁ ଝାଇଁ ତାନ
ଧୁଉ ଧୁଉ ଖରାବେଳେ
ପୁଷି ଡାକ ଛାଡେ ମିଆଁଉ ମିଆଁଉ
ଭାତଖିଆ ବେଳ ହେଲେ ।
ପକ୍ଷୀ ଜନମରୁ ପାର କର ବୋଲି
ତୋତା ଗାଉଥାଏ ଗୀତ
ଆ'ରେ ତୋତା ତୋ ଗୀତ ଶୁଣି ତୋର
ସାଥିରେ ବସିବି ମିତ ।





Digitized by srujanika@gmail.com

# ବେଳେ ବେଳେ ମାଆ ଗୋ



ବେଳେ ବେଳେ ମାଆ ଗୋ
ବଦଳାଇ କାୟା ଗୋ
ମନହୁଏ ହୁଅନ୍ତି ମୁଁ ଅଶିଣର ଆକାଶ
ସକାଳର ସୂରୁଜ
ବିଞ୍ଚି ନାଲି ମୁରୁଜ
ଉଇଁ ଆସି କୋଳେ ମୋର ଢାଳନ୍ତା ତା ପ୍ରକାଶ ।

ବେଳେ ବେଳେ ମାଆ ଗୋ
ହୋଇ କୁନି ନାଆ ଗୋ
ମନହୁଏ ଖେଳନ୍ତି ମୁଁ ନୀଳନଈ ଢେଉରେ
ଆଷାଢର ସ୍ରୋତରେ
ଝୁଲି ଝୁଲି ସତରେ
ଭାସିଯାନ୍ତି ଯୁଆଡେ ବା ନାଉରୀଟି ନେଉରେ ।



ବେଳେ ବେଳେ ମାଆ ଗୋ
ହୋଇ ଗଛ ଛାୟା ଗୋ
ମନହୁଏ ସୁଶୀତଳ କରନ୍ତି ମୁଁ ବାଟକୁ
ଦିଅନ୍ତି ମୁଁ ଆଶରା
ମୁଣ୍ଡେ ବୋହି ପସରା
ଯାଆନ୍ତା ବେପାରି ଯେବେ ନଈପାରି ହାଟକୁ ।



Digitized by srujanika@gmail.com

ବେଳେ ବେଳେ ମଆଗୋ
ଯାଇ ଦୂର ଗାଆଁ ଗୋ
ମନହୁଏ ପ୍ରଜାପତି ହୁଅନ୍ତି ମୁଁ କ୍ଷେତରେ
ରଙ୍ଗ ଡେଣା ଖୋଲିକି
ମିଠାଗୀତ ବୋଲିକି
ଖେଳନ୍ତି ବା ଦୋଳି ବସି ଫୁଲେ ଫୁଲେ ପତରେ ।




ବେଳେ ବେଳେ ମାଆ ଗୋ
ହୋଇ ଧୀର ବାଆ ଗୋ
ମନହୁଏ ବହନ୍ତି ମୁଁ ଖୋଲାମେଲା ଛାତରେ
ଗୀରିଷମ ରାତିରେ
ଗମ୍‌ଗମ୍ ତାତିରେ
ମଣିଷର ଝାଳ ପୋଛି ସୁଲୁସୁଲୁ ହାତରେ ।



Digitized by srujanika@gmail.com


# ସୂରୁଜ ଭାଇ



ସୂରୁଜ ଭାଇ
ତୁମ ପରି ମିତ ଦେଖୁନି କାହିଁ
ଚଉ ଦିଗ ହେବ ଅନ୍ଧାର
ତମେ ନ ଉଇଁଲେ, ତମରି ବିନା
ଫୁଟିବ କି ମଲ୍ଲୀ, ମନ୍ଦାର ?



ସୂରୁଜ ଭାଇ
ଦେଶଯାକ ଯିବ ମରୁଡି ଛାଇ
ତୁମେ ଯଦି ଛପି ରହିବ
କ୍ଷେତରେ ବାଜରା, ଗହମ ଚାରା
ମନମାରି ଦେଇ ଶୋଇବ ।



ସୂରୁଜ ଭାଇ
ସୁଦୂର ଆକାଶ କୋଳରେ ଥାଇ
ବାମ୍ପ କରିଥାଅ ପାଣିକି
ମେଘ ହେଇ ତାହା ବରଷି ଯାଏ
ପିଉ ତା ନଇରୁ ଆଣିକି ।






Digitized by srujanika@gmail.com

ସୂରୁଜ ଭାଇ
ଫଳ ପାଚିବାରେ ତୁମେ ତ ଦାୟୀ
ରସଭରା ତାଳ, ପଣସ
ଆମ୍ବ, ଜାମ୍ବୁ, ଲିଚୁ, ଖଜୁରୀ, ଆଉ
ତୁମ ଯୋଗୁ ପାଏ ମଣିଷ ।





ସୂରୁଜ ଭାଇ
ଉଷୁମ ତୁମର କିରଣ ପାଇ
ମାଘ ଓ ପଉଷ ତିଥିରେ
ଶୀତର କଷଣ ପାଶୋରୁ, ତୁମେ
ଖରା ଢାଳିଥାଅ ନିତିରେ ।




ସୂରୁଜ ଭାଇ
ରୂପର ତୁମର ତୁଳନା ନାହିଁ
ଝକଝକ ତୋଫା କିରଣ
ଜଗତ ଯାକର ଯେତକ ଜୀବ
ନେଇଛନ୍ତି ତୁମରି ଶରଣ ।



Digitized by srujanika@gmail.com

# ଗାଆଁ ପୋଖରୀ




ଆମରି ଗାଆଁରେ ପୋଖରୀଟିଏ
କଇଁମ ଶାଗରେ ଭରା
ଚିକିମିକି କରେ ଲହରୀମାଳ
ପଡ଼ିଲେ ସକାଳ ଖରା ।
ତୁଠ ପଥରରେ କସ୍ତା କାଚେ
କୁଆଁରୀ ଝିଅଟି ବସି
ନୁଦୁକ ଦୋହଲେ ନାକରେ ତାର
ମୁହଁଟି ସରଗ ଶଶୀ ।

ଆମରି ଗାଆଁରେ ପୋଖରୀଟିଏ
କାଚ କେନ୍ଦୁ ପରି ପାଣି
ବତକ ଖେଳନ୍ତି ଧାଡ଼ିକି ଧାଡ଼ି
ଦେଖାଇ ସୁନ୍ଦର ଠାଣି ।
ତୋଫା କଇଁଫୁଲ ଡେମ୍ଫରେ ବସି
ଭଅଁର ଖେଳଇ ଦୋଳି
କିଶୋର କିଏ ସେ ପହଁରା କାଟି
ପାଣିକି କରଇ ଗୋଳି ।



Digitized by srujanika@gmail.com

ଆମରି ଗାଆଁରେ ପୋଖରୀଟିଏ
ଧୋବଣୀ କାଚଇ ଲୁଗା
କୂଳେ କୂଳେ ତାର ଅରମାବଣ
କାନସିରି, ପୋକସୁଙ୍ଘା ।
ରୂପେଲି କାତିର ଭାକୁଡ ମାଛ
ଖେଳନ୍ତି ବୁଲାଇ ଲାଞ୍ଜ
ନିରେଖେ ବଗୁଲା କୂଳରେ ବସି
ପିନ୍ଧିକି ଧୋବଲା ସାଜ ।




ଆମରି ଗାଆଁରେ ପୋଖରୀଟିଏ
ଗହଗହ କରେ ତୁଠ
କାଖରେ ଧରିକି ପିତଳ ଗରା
ଝିଅବୋହୂ ଏକଜୁଟ ।
କିଆରୀକୁ ପାଣି ମଡାଏ କିଏ
କିଏ ବା ମାଜଇ କଂସା
ମାଲପା ଲଗାଇ ପକାଏ ବୂଡ
ବିଲରୁ ବାହୁଡା ଚଷା ।



Digitized by srujanika@gmail.com

# ଚାଲ ଯିବା ସେଇ ଦେଶକୁ




ଚାଲଯିବା ସେଇ ଦେଶକୁ
ହାତରେ ହାତକୁ ମିଳାଇ, ପିନ୍ଧିକି
ଧୋବ ଧାଉଳିଆ ବେଶକୁ ।
ସେଇଠିକି ଯହିଁ ଧନୀ, ନିରିଧନ
ଶବଦ କାନରେ ପଡ଼ିନି
ନିଠୁର ମନର ମଣିଷ କରିକି
ବିଧାତା କାହାକୁ ଗଢ଼ିନି ।
ସବୁରି ଭିତରେ ସେନେହ ଶରଧା
ବିତରିବା ନାହିଁ ଧରମ
ଜାତି, ଉପଜାତି, ପଚାରିବା ଲାଗି
ଲାଗେ ଯେଉଁଠାରେ ସରମ ।

ଆଞ୍ଜୁଳା ପାତେନି ଯେଉଁଠାରେ କେହି
ରୁଟିର ଟୁକୁଡ଼ା ପାଇଁକି
ସଭିଏଁ ମିଶିକି ନୀଳାକାଶ ତଳେ
ପୂଜନ୍ତି ଜଗତ ସାଇଁକି ।
ନହକା ଡାଳରେ ନାରଙ୍ଗୀ ରଙ୍ଗର
ଫଳ ଝୁଲେ ଯହିଁ ପାଚିଲା
ଯେଉଁଠି ମଣିଷ ଦାନକରେ, ଯଦି
ଆୟରୁ କିଛି ତା ବଞ୍ଚିଲା ।



Digitized by srujanika@gmail.com

ପାଦପ ଯେଉଁଠି ଗହଳ ସବୁଜ
ନଗର ଦିଶଇ ସୁତୁରା
ଜମିରେ ପଡିଛି ଦୂବର ଗାଲିଚା
ସତେଜ, ଶିଶିର ବତୁରା ।
ହରିଣ ଚରଇ ନିରିଭୟେ ଯହିଁ
ଶିକାର କରେନି କେହି ବି
ରୋଗିଣା ମାଆର ସେବା କରୁଥାଏ
ପୁଅଟି ପରାଣ ଦେଇ ବି ।



ଡଉଲ ଶିଶୁର ଗାଲରେ ଯେଉଁଠି
ଗୋଲାପର ଆଭା ଉକୁଟେ
ବଡ ନୁହେଁ କେହି, ସାନ ନୁହେଁ କେହି
ସାଜେ ନାହିଁ ରାଜା ମୁକୁଟେ ।
ମୁକୁଳା ରହଇ କବାଟ ଯେଉଁଠି
ତାଲାହୀନ ସବୁ ଦୁଆର
ଆନର ଅଶୁଭ ମନରେ ଆସେନି
ସପନରେ ସୁଦ୍ଧା କାହାର ।



'ଚାଇ ଯିବା ସେଇ ଦେଶକୁ
ହାତରେ ହାତକୁ ମିଳାଇ ପିନ୍ଧିକି
ଧୋବ ଧାଉଳିଆ ବେଶକୁ ।



Digitized by srujanika@gmail.com

# ବସୁଧା ଏ ଫୁଲ କିଆରୀ



ଚକାଡୋଳାଙ୍କର ପରମ ଭକତ
ଦାସିଆ ଥିଲା ତା ନାଆଁଟି
ସୁଧାର ମଣିଷ, ଭାବେ ଭୋଳା ତାର
ଗୁଣରେ ମହକେ ଗାଆଁଟି ।
ଗାମୁଛା ବୁଣିକି ଗୁଜୁରାଣ କରେ
ମନଥାଏ ପ୍ରଭୁ ଚରଣେ
କହେ ଦୟାମୟ କିଛି ଲୋଡା ନାହିଁ
ନିଅ ଖାଲି ତମ ଶରଣେ ।
ଦିନଟେ ଦାସିଆ ଦେଖିଲା ଗଛେ ତା
ଫଳିଛି ପହିଲି ନଡିଆ
ଅରପିବି ନେଇ ଦିଅଁକୁ ବିଚାରେ
ସୁଯୋଗ ପାଇଛି ବଢିଆ ।
ନାରୀକେଳ ହାତେ ପହଞ୍ଚେ ଦାସିଆ
ବଡ ଦେଉଳର ଆଗରେ
ଛୋଟ ଜାତି ବୋଲି ବଚସା କରନ୍ତି
ପୂଜକ ତାହାରି ସାଙ୍ଗରେ ।



ହେ ନୀଳମାଧବ ତମେ କି ନବନି
ସତରେ ଫଳ ମୋ ହାତରୁ
ନିରାଶ ମନରେ ଫେରିବିକି ଆଜି
ତମ ବଡଦାଣ ଯାତରୁ ?



Digitized by srujanika@gmail.com

କାନ୍ଦଇ ଦାସିଆ, ସହସା ଘଟଇ
ଅଜବ ଘଟଣା ଗୋଟିଏ
ଚକିତ ନୟନେ ନିରେଖନ୍ତି ତାହା
ଠୁଳ ହୋଇ ଲୋକ କୋଟିଏ ।
ପ୍ରଭୁ ମହାବାହୁ ବଢାଇ ଶ୍ରୀବାହୁ
ଆଦରି ନିଅନ୍ତି ଫଳଟି
ରତନବେଦୀରେ ଚାଲିଥାଏ ସେବେ
କରପୂର, ଧୂପ, ଆଳତି ।
କରୁଣାମୟଙ୍କ କୃପାରେ ତରଳେ
ପଣ୍ଡା, ପଡିଆରୀ ହୃଦୟ
ବୁଝନ୍ତି ଠାକୁରେ ସାନବଡ ସବୁ
ମଣିଷଙ୍କ ପ୍ରତି ସଦୟ




ବୁଝନ୍ତି ସଭିଏଁ ଚକାଡୋଳାଙ୍କର
ଆପଣା ହାତର ତିଆରି
ଜାତି ଜାତି ଫୁଟେ ମଣିଷର ଫୁଲ
ବସୁଧା ଏ ଫୁଲ କିଆରୀ ।




Digitized by srujanika@gmail.com

# ସମୟ



ଥରେ ଚାଲିଗଲେ ଲେଉଟି ଆସେନି
ସମୟ ଯେତେ ବି ଡାକିଲେ
ବେଳ ଗଡିଯାଏ, ବେଳ ଗଡିଯାଏ
ଅଟକେନି ଯେତେ ରୋକିଲେ ।
ସକାଳ ବଢିକି ସଂଜ ହେଇଯାଏ
ସଂଜ ବଢି ହୁଏ ସକାଳ
ଋତୁ ବିତେ, ବିତେ ମାସ ଓ ବରଷ
କାମ ପଡିରହେ ସକଳ ।



ଆଜିର କାମଟି ଆଜି କର ତେଣୁ
କାଲିକ ପାଇଁକି ରଖନା ।
ବିତିଲା କଥାକୁ ମନରୁ ପାଶୋର
ପଛକୁ ଫେରିକି ଦେଖନା ।
ସତ ଉପଯୋଗ ସମୟର ଯିଏ
କରେ ସେ କଦାପି ହାରେନି
ଅଳସପଣିଆ ଆବୋରି ବସିଲେ
କଉଣସି କାମ ସରେନି ।



Digitized by srujanika@gmail.com

ମେଲାଇ ନୟନ ଦେଖ ଚଉଦିଗେ
ଗହଗହ କରେ ବଜାର
ପଇସା ବଦଳେ କିଣିହୁଏ ଏଠି
ଦରବ ହଜାର ହଜାର ।

କେବଳ ମିଳେନି କଉଡି ଦେଲେ ବି
କାଲିର ବିତିଲା ଦିନଟି
ବେଳ ଥାଉ ତେଣୁ କାମକର, ରଖ
ଚଲାପଥେ ତମ ଚିହ୍ନଟି ।


ଥରେ ଚାଲିଗଲେ ଲେଉଟି ଆସେନି
ସମୟ ଯେତେ ବି ଡାକିଲେ
ଭାରି ସୁରୁଖୁରୁ ଜୀବନ ବିତିବ
କଥାଟି ମନରେ ରଖିଲେ ।



Digitized by srujanika@gmail.com

# ପକ୍ଷୀ ଓ ଫୁଲ



ମନହୁଏ ହେବି ଆର ଜନମକୁ
ହଳଦିଆ ଟିକି ଚଢେଇ
ଦେଶରୁ ଦେଶକୁ ଗାଆଁରୁ ଗାଆଁକୁ
ଉଡୁଥିବି ଡେଣା ବଢେଇ ।
ସବୁ ଦେଶ କରି ଆପଣାର ଆଉ
ସବୁ ଗାଆଁ କରି ନିଜର
ପର ଓ ଆପଣା ଭେଦଭାବ ଭୁଲି
ସବୁଠି ହେବି ମୁଁ ହାଜର ।





ମନହୁଏ ହେବି ଆର ଜନମକୁ
ସକାଳର ସଜ ସୁମନ
ସଭିଙ୍କ ମନକୁ ଜିଣିବି, ମଣିବି
ସବୁ ମଣିଷଙ୍କୁ ସମାନ ।
ଧନୀ, ନିରିଧନ ଯିଏ ବି ତୋଳିବ
ବୁଲିବୁଲି ଉପବନରେ
ସଭିଙ୍କି ବାଣ୍ଟିବି ସୁରଭି, ତିଳେ ବି
ବଇରୀ ନରଖି ମନରେ ।



Digitized by srujanika@gmail.com

# ଶୁଆରେ ଶୁଆ

ଶୁଆରେ ଶୁଆ
ତୋ ଲାଗି ପିଣ୍ଡାରେ ପିଜୁଳି ଥୁଆ
ସାଥିରେ ପିଇବା ପାଣି ବି
ମନହୁଏ ତୋର ବାରତା ପୁଛି
କାହାଣୀ ତୋହର ଶୁଣିବି ।



ଉଡିଉଡିକା
ଫସଲ କ୍ଷେତ୍ରରେ ବୁଡିବୁଡିକା
ଖାଉ ତୁ ବାଜରା, ଗହମ
ମନ ମତାଣିଆ ଏଭଳି ରୂପ
କେଉଁଠି ପାଇଲୁ କହମଁ ।




ଶାଗୁଆ ରଂଗ
ପୋଷାକରେ ସଜା ଡଉଲ ଅଙ୍ଗ
ଥଣ୍ଟରେ ଲିପା ତୋ ଅବିର
ଡେଣାକୁ ମେଲାଇ ଉଡୁ ତୁ ଯେବେ
ଗୀତ ଛୁଟେ ମନେ କବିର ।




Digitized by srujanika@gmail.com

ଗଳାରେ ଗାର
ଲାଗଇ ସତେ ବା ପିନ୍ଧିଛୁ ହାର
ଇମ୍ପାପର ତୋର ଲାଞ୍ଜରେ
ସରଜନା କିଏ କରିଲା ତତେ
ଦେଇକି ଏଭଳି ସାଜରେ ।



ଗହନବନ
କୁଳୁକୁଳୁ ଯହିଁ ଝରଣା ସ୍ୱନ
ଗଛଟିଏ ତହିଁ ବାଛିକି
ଖୋଳିକି କୋରଡ ବାନ୍ଧିଲୁ ବସା
ବେଳକାଟୁ ନାଚି ନାଚିକି ।



ଚକରଧର
ପକ୍ଷୀ ଜନମରୁ ପାଆରି କର
ଆ' ଦିହେଁ ମିଶି ଗାଇବା
ତୋଭଳି ନିଖୁଣ ଚଢେଇଟିଏ
ଏଯାଏ ଦେଖିନି କାହିଁ ବା ।



Digitized by srujanika@gmail.com

# ବରଷା ରାଣୀ



ବରଷାରାଣୀ
କଳା ବଉଦର ଓଢଣା ଟାଣି
ଚୁପ୍‌ଚାପ୍ ସ୍ବରେ ଶୁଣାଇ ଯାଉଛୁ
କେତେ ଯେ ବାଣୀ ।

ବରଷାରାଣୀ
ଝିରିଝିରି ତୋର ଆସିବାଠାଣୀ
ସେ ଆସିବା ବାଟ ଚାହିଁ ବସିଥାଉ
ସକଳ ପ୍ରାଣୀ ।



ବରଷାରାଣୀ
ବସୁମତୀ ମାଆ କଷଣ ଜାଣି
ସବୁଜ ରଙ୍ଗରେ ରଙ୍ଗେଇ ଦେଉଛୁ
ତାହାର କାନି ।


ବରଷାରାଣୀ
ଭାରି ଦୟାମୟୀ ଭାରି ତୁ ଦାନୀ
ତୋ ବିନା ମଉଳେ ଧାନକେଣ୍ଡା
ହୁଏ ଫସଲ ହାନି ।



Digitized by srujanika@gmail.com

ବରଷାରାଣୀ
ତୋ ଲାଗି ନିଦାଘ ମାଗେ ମେଲାଣି
ଅସରାରେ ତୋର ନଈନାଳ ଦେଖି
ଭରିଗଲାଣି ।

ବରଷାରାଣୀ
ସବୁରି ମୁହଁରେ ତୋ' କାହାଣୀ
ତୋ ଲାଗି କଦମ୍ବ ଆଖି ମେଲି ଢାଳେ
ମିଠା ଚାହାଣୀ ।





ବରଷାରାଣୀ
ତତଲାମାଟିର ଡହକ ଜାଣି
ଶୋଷିଲା ମଣିଷ ପାଇଁ ଢାଳିଯାଉ
ଶୀତଳ ପାଣି ।

ବରଷାରାଣୀ
କବି ମନେ ଦେଉ ସପନ ଆଣି
ତତେ ଦେଖି ନୀଳପାହାଡେ ମୟୂର
ନାଚ କଲାଣି ।



Digitized by srujanika@gmail.com

# ଶୀତଋତୁ ଏବେ ଆସିଲା



ପାତଳ କୁହୁଡି ପଣତ ଉହାଡେ
ସରମରେ ମୁହଁ ଲୁଚାଇ
ଶୀତଋତୁ ଆସେ ଥିରି ଥିରି ପାଦେ
ଫୁଲେ ଫୁଲେ ଦେହ ସଜାଇ ।
ନହକା ଡେମ୍ଫରେ ଡାଳିଆ ଦୋହଲେ
ଦୋହଲେ ସେବତୀ ସୁମନ
କଅଁଳ ଖରାରେ ପଉଷ କଲାଣି
ଗିରୀଷମ ତାପ ଦମନ ।
ସୂରୁଜ ଦେବତା ସଦୟ ହେଲେଣି
ନରମ କଲେଣି କିରଣ
ଥୁରୁଥୁରୁ ଦେହ ଶୀତଳ ପାଣିର
ବୂଡକୁ କରଇ ବାରଣ ।




ମଟର ଛୁଇଁର ଭାଗରେ ନୁଆଁଇ
ବାଗିପଟ ରଞ୍ଜା ବତାର
ଛପରଚାଳରେ ତଙ୍କ ମାଡିଯାଏ
ଲକ୍‌ଲକ୍ ଶିମ ଲତାର ।
ପାଳଙ୍ଗ, ବଥୁଆ, ମେଥିର ଶୋଭାରେ
ସାଜି ଉଠେ ଶ୍ୟାମ କିଆରୀ
ଗୁଜୁରାତି ବାସ ଗାଜର ହାଲୁଆ
ଘରେ ଘରେ ଏବେ ତିଆରି ।






Digitized by srujanika@gmail.com

କେରି କେରି ଦୂବ କିରିକିରି ହସେ
ମାଢ ଚାର ସଢ ଶିଶିର
ସପନ ସରଜେ ଉଷୁମ ବିଛଣା
ମାଘ ଓ ପରଷ ନିଶିର ।
କିଏ ନେଇଥାଏ ନିଆଁତାପ, କିଏ
ତିଆରେ ନୂତନ ରେଜେଇ
ଧାନ କାଟିବାକୁ ଚାଷୀଭାଇ ରଖେ
ଦହୁଡା ଦାଆଟି ପଜେଇ ।





ଷୋରିଶ ଷେତରେ ଛାଜିଛି ସତେ କେ
ଅସଲ ସୁନାକୁ ଆଉଟି
ବିଲ ଫାଟିପଡେ ଛାତିରେ ନେଇକି
ଫସଲ ପଉଟି ପଉଟି ।
ବଜାର ଭିତରେ କମଳା ଲେମ୍ବୁର
ନାରଙ୍ଗୀ ପସରା ବସିଲା
ସଫେଦ୍ କୁହୁଡି ଓଢଣୀ ପକାଇ
ଶୀତଋତୁ ଏବେ ଆସିଲା ।



Digitized by srujanika@gmail.com

# ମାସ ବଇଶାଖ ଅଇଲା



ମାସ ବଇଶାଖ ଅଇଲା
ଫଗୁଣ, ଚଇତ ସଇଲା
ପାହାଡ ତଳିର ସବୁଜ କାନନ
ଜଳିପୋଡି ହେଲା କୋଇଲା ।

ମାସ ବଇଶାଖ ଅଇଲା
ଟାଣ ଖରା ସହି ନୋହିଲା
ପଥର କଂସାରେ ପଖାଳ ମୁଠିଏ
ଖାଇବାକୁ ମନ କହିଲା ।

ମାସ ବଇଶାଖ ଅଇଲା
ଝାଳ ଦରଦର ବହିଲା
ଝାନ୍ଜି ଝାପଟାକୁ ଡରିକି ମଣିଷ
ଘରେ ପଶି ଛପି ରହିଲା ।








ମାସ ବଇଶାଖ ଅଇଲା
ପଶୁପକ୍ଷୀ ହେଲେ ଘାଇଲା
ନିଝୁମ ହେଲାଣି ନିଦାଘ ଦାଉରେ
ବଣବୁଦା ଆଉ ତଇଲା

ମାସ ବଇଶାଖ ଅଇଲା
ପତାଟେକି ମଲ୍ଲୀ ଚାହିଁଲା
ପାହାନ୍ତି ପହର ଶୀତଳ ସମୀର
ବାସ ଲୁଟି ତାର ବହିଲା ।



Digitized by srujanika@gmail.com


ମାସ ବଇଶାଖ ଅଇଲା
ଗୁଡପଣା କିଏ ପିଇଲା
ନହକା ଡାଳରେ ନାକୋଇ ଆମ୍ବଟି
ନାରଙ୍ଗୀ ରଙ୍ଗକୁ ଧଇଲା ।



ମାସ ବଇଶାଖ ଅଇଲା
ପାଣି ସିଝି ବାମ୍ଫ ହୋଇଲା
ସେଇ ବାମ୍ଫ ନେଇ ମେଘମାଳାରୂପ
ନେଳିଆ ଆକାଶ ଛୁଇଁଲା ।

ମାସ ବଇଶାଖ ଅଇଲା
ମାଟି ମାଆ ଦୁଃଖ ପାଇଲା
କଦବା କେମିତି ବରଷା ମହିଏ
ଦେହକୁ ତାହାର ଧୋଇଲା ।





ମାସ ବଇଶାଖ ଅଇଲା
ତାଳ, ତରଭୁଜ ଖୋଇଲା
ବଜାର ମଝିରେ ପାଚିଲା ପଣସ
ବେପାରୀଟି ଆଣି ଥୋଇଲା ।

ମାସ ବଇଶାଖ ଅଇଲା
ତାତିରେ ବସୁଧା ଦହିଲା
ସଲିଳ ବିହୁନେ ସୁଧାର ନଈଟି
ଶୁଖିଲା ମୁହଁରେ ଶୋଇଲା ।



Digitized by srujanika@gmail.com

# ଆସିଗଲା ନୂଆ ବରଷ



ଆସିଗଲା ନୂଆ ବରଷ
କେଜାଣି କାହିଁକି ଲାଗଇ ଆଜିର
ସକାଳଟି ଭାରି ସରସ ।
ପୁରୁଣା ମାସଟି ସଇଲା
ଆଗାମୀ ମସିହା ସୁନେଲୀ ଆଶାର
ସପନରେ ମନ ମୋହିଲା ।
ବସୁଧା ଆସିଲା ଘୂରିକି
ସୂରୁଜଦେବଙ୍କ ଚଉପାଶେ ଥରେ
ବରଷଟି ଗଲା ପୂରିକି ।
ବଡେଇଗଲା ସେ ଆମକୁ
ବେଳ ଗଡିଯାଏ ବେଳ ଗଡିଯାଏ
ପକାଇ ରଖନା କାମକୁ ।




ନୂଆବରଷର ଛୁଟିରେ
କୋଳାହଳ ଆଜି ସହରେ, ସହରେ
କୋଠାଘରେ ଅବା କୁଟୀରେ ।
ମିଜାଜ ସବୁରି ହାଲୁକା
ନୂଆରୂପ ଆଜି ଧରିଛି ସତେକି
ସବୁ ଗାଆଁ ସବୁ ତାଲୁକା ।
କିଏଯାଏ ବଣ ଭୋଜିକି
କିଏ କହେ ବାପା ମିଠେଇ ଆଣିବ
ଭଲ ଦେଖି ଖୋଜି ଖୋଜିକି ।
ଗହଗହ କରେ ବଜାର
ଲାଗେ ଅବା ବଡ ପରବ ଆସିଛି
ସମୟ ଆସିଛି ମଜାର ।




Digitized by srujanika@gmail.com


# ତ - ଥ - ଦ - ଧ



ତରଭୁଜ ପାଚିଥାଏ ନଈପଠାରେ
ତରବର ହୁଅନାହିଁ କେଉଁ କଥାରେ
ତରାଟ ଫୁଲକୁ ତୋଳି ଗୁନ୍ଥିବି ମାଳ
ତରୁଲତା ଶୁଖେ ହେଲେ ନିଦାଘକାଳ ।



ଥଣ୍ଟତାର ନାଲି ନାଲି ନାଆଁଟି ତୋତା
ଥୟ ଧରି ବସ ଆଉ କହନା କଥା
ଥଳି ଧରି ବାପା ଗଲେ ପରିବା ଆଣି
ଥଣ୍ଡା ହେଲେ ଘାଣ୍ଟିବନି ଛମାରୁ ପାଣି ।



ଦରମା ପାଇଲେ ଭାଇ ଆଣନ୍ତି ମିଠା
ଦଶରାରେ ବୋଉ କରେ କେତେ ଯେ ପିଠା
ଦରଜ ଦେହ ମୋ ଭାରି, କାଲିଠୁ ଜର
ଦନ୍ତାହାତୀ ଦେଖିଦେଲେ ଲାଗଇ ଡର ।



ଧଳା ଧଳା ମଲ୍ଲିଫୁଲ ପୂଜାକୁ ଲୋଡା
ଧନୁମୁଆଁ କୁନି ଖାଏ ଯୋତାକୁ ଯୋତା
ଧଇର୍ଯ୍ୟ ଧରିକି କର ସକଳ କାମ
ଧଡିଥିବା ଧୋତିଟିଏ ପିନ୍ଧିଛି ରାମ ।



Digitized by srujanika@gmail.com

# ଫୁଲରେ ଫୁଲ



ଫୁଲରେ ଫୁଲ କହତ କିଏ
ତିଆରି କଲା ତତେ
ବାଣ୍ଟିବୁ ବୋଲି ଅତର ମିଶା
ବାସନା ପଥେ ପଥେ
କିଏ ସେ ଦେଲା ଦେହରେ ତୋର
ଗୋଲାପି ରଙ୍ଗ ବୋଲି
କିଏ ସେ ଦେଲା ଶିଖାଇ ତତେ
ଖେଳିବା ପାଇଁ ଦୋଳି ।




ଗଛରେ ଗଛ କହତ କିଏ
ତିଆରି କଲା ତତେ
ବରଷ ସାରା ଆଞ୍ଜୁଳା ଭରି
ଦେବାକୁ ଫଳ ମତେ
କିଏ ସେ ଦେଲା ବଡେଇ ତତେ
ଅରପିବାକୁ ଛାଇ
ଗିରୀଷମର ତାପରେ ଯେବେ
ହାଲିଆ ଚାଷୀଭାଇ ।



Digitized by srujanika@gmail.com

ଜହ୍ନରେ ଜହ୍ନ କହତ କିଏ
ତିଆରି କଲା ତତେ
ଉଇଁବୁ ବୋଲି ଆକାଶେ ଆସି
କଜ୍ଜଳ କଳା ରାତେ
କିଏ ସେ ଦେଲା ଦେହରେ ତୋର
ଜୋଛନା ଏତେ ଭରି
କିଏ ସେ ତତେ ଗଢିଲା ନେଇ
ରୂପେଲି ତୋଫା ଜରି ।






ପାଣିରେ ପାଣି କହତ କିଏ
ତିଆରି କଲା ତତେ
ଟହଲମାରି ଆସିବୁ ବୋଲି
ବଉଦଦଣ୍ଡା ପଥେ
କିଏ ସେ ତତେ ଦେଖାଇ ଦେଲା
ଭିଜାଇବାକୁ ମାଟି
ସଞ୍ଜୁଳିବାକୁ ସୁନେଲି ଧାନ
ବରଷା ବୁନ୍ଦା ଛାଟି ।
ଫୁଲ ଓ ଗଛ ଜହ୍ନ ଓ ମେଘ
କହିଲେ ଆଜି ମତେ
ଲାଗିଚୁ ଆମେ ନିରତ ଦେଖ
ମାନବ ସେବା ବ୍ରତେ
ତିଆରିଛନ୍ତି ଜଗତନାଥ
ନେଇକି ତାଙ୍କ ନାମ
ଆମଠୁ ଶିଖି ଅପର ପାଇଁ
କରିଯା କିଛି କାମ ।



Digitized by srujanika@gmail.com

# ଜୁଳୁଜୁଳିଆ



ଜୁଳୁଜୁଳିଆରେ ଜୁଳୁଜୁଳିଆ
ପାଖକୁ ଟିକେ ମୋ ଚାଲି ଚାଲି ଆ
ଦେଖିବି ତୋତେ ମୁଁ ଭଲକି
ଫୁଲ୍‌ଝରି ସମ ଫୁଲ୍‌କି ଢାଳି
କେମିତି ଉଠୁଛୁ ଝଲକି ।
ସୁକୁମାର ଭାରି ଶରୀର ତୋର
କେଉଁଠୁ ପାଇଲୁ ଏଭଳି ଜୋର
ନିଆଁହୁଳା ଧରୁ ପେଟରେ
ଅପଲକ ତତେ ଚାହିଁ ମୁଁ ରହେ
ପାଏ ଯେବେ ତୋର ଭେଟରେ ।



ରାତିରାଣୀ ପିନ୍ଧା କାଳିଆ ଶାଢି
ବୁଟି ତହିଁ ତୁକି ଧାଡିକି ଧାଡି
ଦଳ ବାନ୍ଧି ଉଡୁ ଆକାଶେ
ଚମକାଇ ଦେଉ ଉଆଁସ ନିଶି
ଝିକିମିକି ତୋର ପ୍ରକାଶେ ।
ପାରନ୍ତି ଯଦି ମୁଁ ତୋପରି ହେଇ
ଅନ୍ଧାର ବାଟରେ ଆଲୋକ ଦେଇ
ଲୁଚନ୍ତି ଉଇଁଲେ ସବିତା
କବି କେ ଲେଖନ୍ତା ନିରେଖି ମତେ
ତାହେଲେ ଏଭଳି କବିତା ।



Digitized by srujanika@gmail.com

# ଦୁଇ ମୂଷାଙ୍କ କାହାଣୀ

ଗୋଟିଏ ଥିଲା ଯେ ସହରୀ ମୂଷା
ଗଲା ସେ ଥରଟେ ଗାଆଁକୁ
ତାକୁ ଦେଖି କୁନି ଗାଉଁଲୀ ମୂଷା
ଗାତରୁ ବାହାରେ ଛାଆଁକୁ ।
ସହରୀ ମୂଷାଟି କହଇ ତାକୁ
ଛିଃ ଛିଃ ରହୁ ଏଇଠି ।
ବିଲ ସାରା ବୁଲି ବାଜରା ଖୋଜୁ
ଘଷରା କରିକି ଗୋଇଠି ।




ଠୋଠାଘରେ ସେଠି ରହୁଛି ମୁହଁ
ଖାଉଛି ସର ଓ ଲହୁଣୀ ।
ଗାଆଁରେ ଏଭଳି ସଢୁଛୁ ଆହା
ସାଥେ ଧରି ଭାଇ ଭଉଣୀ ।
ଆ' ମୋ ସାଥିରେ ସହର ଯିବା
ରହିବା ଦିହେଁ ମଜାରେ
ଖୁଣ୍ଟି ଖୁଣ୍ଟି ଧାନ ଖାଉଛୁ ଏଠି
ସେଇଠି ଖାଇବୁ ଖଜାରେ ।





Digitized by srujanika@gmail.com

କଥା ଶୁଣି ତାର ଗାଉଁଲୀ ମୂଷା
ବାହାରିଲା ବୁଲି ସହର
ପହଞ୍ଚିଲା ପାଞ୍ଚ ମହଲା ଘରେ
ବେଳ ଯେବେ ଦିଇ ପ୍ରହର ।
ସହରୀ ମୂଷାଟି କହିଲା ଭାଇ
ଖଟତଳେ ଥାଆ ବସିକି
ରାତି ଅଧ ହେଲେ ରୋଷେଇ ଶାଳ
ଦିହେଁ ଯାକ ଯିବା ମିଶିକି ।
ଭଲି ଭଲି ଚହିଁ ପାୟସ ପିଠା
ଭଲି ଭଲି ରୁଟି ପରଟା
ଚୋରି କରି ଛପି ଖାଇବା ଦିହେଁ
ରାତି ହେଇଯାଉ ବାରଟା ।





ଗାଉଁଲୀ ମୂଷାଟି କହଇ ତାକୁ
ଇଏ ଭଲା କିଇ ଜୀବନ
ଗାଆଁ ବିଲଗାଡ ସବୁଠୁ ଭଲ
ଭଲ ସେଠା ପାଣି ପବନ ।
ଚୋରି ମୁଁ କରେନି କରେନି ଭୟ
ଜମାରୁ ସେଠି ମୁଁ କାହାକୁ
ଧାନ, ମୁଗ, ଯାହା ଗୋଟାଇ ଆଣେ
ଖୁସିରେ ଖାଏ ମୁଁ ତାହାକୁ ।
ଚୋରି କରି ଆନ ଦରବ ଖାଇ
ଜୀବନ ଜୀଇଁବା ଭଲକି ?
ଫେରି ମୁଁ ଯାଉଛି, ଲୋଡା ମୋ ନାହିଁ
ତୁମ ବୁଦ୍ଧି, ତୁମ ଚାଲାଖି ।



Digitized by srujanika@gmail.com

# ଦଶରା ପରବ ଆସିଲା



ଧୋବ ଫରଫର ଚାମର ଦୋଳାଏ
କାଶତଣ୍ଡୀ ନଈ ପଠାରେ
କାଚକେନ୍ଦୁ ପାଣି ଚମକାଇ, କଇଁ
ଫୁଲ ହସେ କେତେ ଛଟାରେ
ସୁତୁରା ସୁନୀଳ ଆକାଶେ ଭାସଇ
ଟୁକୁଡ଼ା ମେଘର ବୋଇତ
ଉଚ୍ଛୁଳା ଜୁଆର କମି କମି
ତନୁ ପାତେଳୀ ହେଲାଣି ନଈତ ।
ମହମହ କରେ ପାହାନ୍ତି ପହର
ଷିଉଳି ଫୁଲର ବାସରେ
ନାରଙ୍ଗୀ ଡେମ୍ଫର କଅଁଳ କୁସୁମ
ଖସିପଡ଼େ ଦୁବଘାସରେ ।



ମନମତାଣିଆ ଜହ୍ନର ରୋଷଣୀ
ବିଛାଡି ପଡଇ ମରତେ
ବରଷା ଋତୁର ବୁଡ ସାରି ଦେଇ
ବସୁଧା ସାଜଇ ଶରତେ
ବାଗିପଟ ରଂଗା ଦାଉଦାଉ କରେ
ତୋରା ଜହ୍ନିଫୁଲ ପାଖୁଡା
କୁଆଁର ପୂନେଇଁ ଭୋଗପାଇଁ କିଏ
ଭାଜେ ବସି ଖଇ ଉଖୁଡା
ଦୁରୁଗା ମାଆଙ୍କ ଅରଚନା ଲାଗି
ମଙ୍ଗଳ କଳସ ବସିଲା
ଗହଗହ କରି ସହର ବଜାର
ଦଶରା ପରବ ଆସିଲା ।




Digitized by srujanika@gmail.com

# ରଜ ଦୋଳି ଗୀତ



ରଜ ଦୋଳି କଟମଟ
ମୋ ଭାଇ ମଥାରେ ସୁନାମୁକୁଟ
ଦିଶୁଥାଏ ଝଟଝଟ ।
ଦୋଳି ଗଲା ଉଡି ଉଡି
ଭାଉଜ ଭାଙ୍ଗନ୍ତି ବିଡିଆ ପାନ
ଝଟକେ ରେଶମୀ ଚୂଡ଼ୀ ।
ଦୋଳିରେ ଝୋଟର ରସି
ଚନ୍ଦନଟିପାରେ ଝିଅର ମୁହଁ
ସତେବା ସରଗ ଶଶୀ ।
ଦୋଳିରେ ନୁଆଁଇ ଡାଳ
କୁଆଁରୀ ପାଦରେ ଅଳତା ଲେଖା
ଗଭାରେ କୁସୁମ ମାଳ ।





ଦୋଳି ବାନ୍ଧି ଦେଲେ ଅଜା
ପୋଡପିଠା କଲେ ଆଈମା ବସି
ସାଥିରେ ମିଠେଇ ଖଜା ।
ଦୋଳି ଗୀତ କେ ବା ଗାଏ
ରଜ ସଜବାଜ ମଉଜ କଥା
ସୁରରେ ବଖାଣି ଯାଏ ।
ଦୋଳି ଖେଳ ମଜା ଆଜି
ପାଦ ପକେଇଛି ପହିଲି ରଜ
ବସୁଧା ଉଠିଛି ସାଜି ।
ଦୋଳିରେ ଲାଗିଛି ପିଡା
ଝୁଲିବା ପାଇଁକି କିଶୋରୀ ଦଳ
ସକାଳ ପହରୁ ଛିଡା ।
ଦୋଳି ଖେଳିବା ଗୋ ଆସ
ଆଷାଢବୁନ୍ଦାରେ ସବୁଜ ରଂଗ
ଧରିଲାଣି ଦୁବଘାସ ।



Digitized by srujanika@gmail.com

# ଭାଷାର କୁହୁକ


ଫୁଲ ବଗିଚାରେ ମାଳିଟି କରୁଛି କାମ
ବେକରେ କାଳିଆ ମାଳିଟେ ପିନ୍ଧିଛି ଗାମ ।
ଆଚାର ଦେଖିଲେ ପାଟିରୁ ବୁହଇ ନାଳ
ନାଳକୂଳ ଆଡେ ବୁଲିକି ଆସିବା ଚାଲ ।






ଟେକି ହବ ନାହିଁ ପଥର ଯଦି ସେ ଭାରି
ଗେହ୍ଲା ତଅପୋଇ ଥିଲା ଭାରି ସୁକୁମାରୀ ।
ଖୋଳ ବଜାଉଛି ପାଲାକାର ହୋଇ ଭୋଳ
ଗଛ ପୋତା ହବ, ଭଲକି ମାଟିକି ଖୋଳ ।







ଗଳିବାଟ ଦେଇ ପହଞ୍ଚିଲି କାଳି ଘର
ଝରକା ଫାଙ୍କରେ ଗଳିକି ଆସିଲା ଚୋର ।
ସରୁ ଦଉଡିରେ ବାଛୁରୀ ହୋଇଛି ବନ୍ଧା
ଗପସରୁ, ତେବେ ହବ ଯାଇ ଭାତ ରନ୍ଧା ।




Digitized by srujanika@gmail.com

ଧରାଦେଲା ପକ୍ଷୀ ଶିକାରୀ ଜାଲରେ ଶେଷେ
ଧରା ସାଜିଉଠେ ଫଗୁଣରେ ଫୁଲବେଶେ ।
ରାତି ଅଧ ହେଲା ଆଲୋଚନା ଏବେ ସାର
ସାର ଦେଲେ ଫଳେ ଫସଲ ଭାରକୁ ଭାର ।





କଳକାରଖାନା ସହରେ ଭରଇ ଧୂଆଁ
କଳଦାନ୍ତ ଦେଇ ଚୋବାଇଥାଏ ମୁଁ ମୁଆଁ ।
କୁମୁଦକଳିଟି ଖେଳଇ ପୂନେଇଁ ରାତେ
କଳି କରିବନି କେବେହେଲେ କାହା ସାଥେ ।




ଆମ୍ବତକ ସବୁ ଗଛରୁ ଗଲାଣି ଝଡି
ଝଡିପାଗ ହେଲେ ଆସିଥାଏ ନଈବଢି ।
ବେତକୋଳି ଲାଗେ ପାଟିକୁ ବହୁତ କଷା
ବେତ ଚଉକିରେ କୁଣିଆଙ୍କୁ ନେଇ ବସା ।
କି ଭଳି କୁହୁକ ଭାଷାରେ ରହିଛି ଆମ
ଗୋଟିଏ ଶବଦ କରଇ ଦୁଇଟି କାମ ।



Digitized by srujanika@gmail.com

# ଏଇ ଦେଶ ନାଆଁ ଭାରତ



କଅଣ ଅଛି ଏ ମୁଠିଏ ମାଟିରେ
କଅଣ ଅଛି ଏ ବାଆରେ ?
ଯେଉଁଥିପାଇଁକି ମଣିଷ ପଡଇ
ଏଭଳି ତାହାର ମାୟାରେ ।
କାହିଁକି ତା ଲାଗି ତରପଣ କଲା
ଶହୀଦ ଆପଣା ଜୀବନ
କାହିଁକି ଦେଖିଲା ନିଶିଦିନ ତାକୁ
ସ୍ୱାଧୀନ କରିବା ସପନ ।
ସବୁରି ଜବାବ ଗୋଟିଏ
ଜନମ ଭୂଇଁ ସେ, ମମତାମୟୀ ସେ
ଜୁହାର ତାହାକୁ କୋଟିଏ ।



ଏ ଦେଶର ଫଳ ଫସଲ ହେଇକି
ରୁଧିର ବହଇ ଶିରାରେ
ଏ ଦେଶରେ ଥିଲେ କବୀର, ନାନକ
ମହାବୀର ଆଉ ମୀରା ରେ ।
ବିଦେଶରେ ଥିଲେ ଏ ଦେଶ ଡାକଇ
ହାତ ଠାରି ଠାରି ନିରତ
ଏ ଦେଶ ମାଟିରେ ଜନମ ନେଇଛି
ରାମାୟଣ, ମହାଭାରତ ।
ଏ ଦେଶର ଗିରି ଝରଣା
କୁଳୁକୁଳୁ ଗାଏ ନାନାବାୟା ଗୀତ
ଏ ଦେଶର ନାହିଁ ତୁଳନା ।



Digitized by srujanika@gmail.com

ଭଲି ଭଲି ରଙ୍ଗ ଭଲି ଭଲି ରୂପ
ଭାଷା ପୁଣି ଭଲି ଭଲିକା
କିଏ ଯଦି ଯାଏ ଗୀରଜ୍ଜା କିଏବା
ପୂଜା କରେ ଦେବୀ କାଳିକା ।
ଏଇ ଦେଶ ଶ୍ୟାମ ଉପବନେ ସତେ
ନାନାଜାତି ଫୁଲ ଫୁଟିକି
ଗଜରା ହାରରେ ବନ୍ଧା ପଡିଅଛୁ
ଏକା ସାଥେ ସବୁ ଯୁଟିକି ।
ଏ ଦେଶ ନାଆଁ ଭାରତ
ମିଳିବନି କାହିଁ ଏଭଳି ଆଶରା
ଖୋଜିଲେ ବି ସାରା ମରତ ।




Digitized by srujanika@gmail.com

# ହସଖେଳ



ପତର ଗହଳେ କୁସୁମ ଖେଳଇ
ଦୋହଲି ଦୋହଲି ବାଆରେ
ଗଛର କେନାରେ ଗୁଣ୍ଡୁଚି ଖେଳଇ
ପରୁଆ ନକରି କାହାରେ ।



ଲୁଚକାଳି ଖେଳ ଜହ୍ନ ଖେଳୁଥାଏ
ମେଘ ସାଥେ କେତେ ପ୍ରକାରେ
କିଚିରି ମିଚିରି ଚଢେଇ ଖେଳଇ
ଓସ୍ତ ଗଛର ଶାଖାରେ ।



ପ୍ରଜାପତି ଖେଳେ ନାନାଜାତି ଖେଳ
ପବନରେ ଉଡିଉଡିକା
ତିମି ଖେଳୁଥାଏ ପହଁରି, ଗଭୀର
ପାଣି ତଳେ ବୁଡିବୁଡିକା ।



Digitized by srujanika@gmail.com


ରୂପେଲି କାଚିର ପୋହଳା ଖେଳଇ
ପାଇଲେ ପାହାଡୀ ଝରଣା
ପାଲ ମେଲି ଖେଳେ ନଈରେ ନଉକା
ଶୋଭାର ନାହିଁ ତା କଳନା ।





ମୁକୁଳା ଆକାଶ ଅଗଣାରେ ଖେଳେ
ଝିକିମିକି କୁନି ତାରକା
ଚଇଡି ବାଆ ମୋ ଘରେ ଖେଳୁଥାଏ
ଖୋଲା ଥାଏ ଯଦି ଝରକା ।

କୁମୁଦ ଖେଳଇ ପୂନିଅଁ ରାତିରେ
ପଙ୍କୁଆ ପୋଖରୀ ଛାତିରେ
ସବୁଜ ଘାସରେ ଡେଇଁକି ଖେଳରେ
ଝିଣ୍ଟିକାଟି ଥାଏ ମାତିରେ ।




ଦୁଃଖ ଆସୁଥିବ, ସୁଖ ଆସୁଥିବ
ଏଇ ତ ଜୀବନ କାହାଣୀ
ମାସ ଓ ବରଷ ହସିଖେଳି ସରୁ,
ସରୁ ଡାଳି ମିଠା ଚାହାଣୀ ।



Digitized by srujanika@gmail.com

# ହାତୀ



ଦେହଟି ଅଟଇ କଳା କିଟିକିଟି
ନାଆଁଟି ହାତୀ
ମଉଜ କରିକି ପିଠିରେ ଚଢ, ମୁଁ
ତମରି ସାଥୀ ।
ଗୋଡ ଚାରିଗୋଟି ସତେବା ଶକତ
ଚାରୋଟି ଖମ୍ବ
ଶୁଣ୍ଢ ମୋ ଝୁଲଇ ସାମ୍ନାରେ ସେଯେ
ବହୁତ ଲମ୍ବ ।

ଓଟାରି ତହିଁରେ ବଣୁଆ ଡାଳକୁ
ଚୋବାଇ ଖାଏ
ବହଗା ନଈରେ ବୁଡ ଦବାଲାଗି
ସୁଖ ମୁଁ ପାଏ ।
ବୋଲ କରେ ତୁମ, କାଠଗଡ ବହେ
ହେଉଁକି ତୁନି
ମିଞ୍ଜି ମିଞ୍ଜି ମୋର ଚାହାଣୀ, ନୟନ
ନିହାତି କୁନି ।



Digitized by srujanika@gmail.com

ମଥା ଦୁଇପଟ କାନରେ ମୋହର
କୁଲାର ମାପ
ଗଣପତିଙ୍କର ମୁହଁରେ ପାଇବ
ମୋହରି ଛାପ ।
ଚମଡା ବହଳ, ଧୋବ ଫରଫର
ଦୁଇଟି ଦାନ୍ତ
ଗଜଦନ୍ତ ସେ ଯେ ଦାମିକା ଦରବ
ଜଗତେ ଖ୍ୟାତ ।






ସରକସ୍ ବାଲା ଖେଳ ଖେଳିଥାଏ
ନେଇକି ମତେ
ଯାଉଥିଲି ଆଗେ ଯୁଦ୍ଧ କରିବାକୁ
ଜାଣକି ସତେ ?
ରାଗିଲେ ବନରୁ ତରୁଲତା ଯାକ
ପକାଏ ଟାଣି
ସୁଧାର ବେଳରେ ମାହୁନ୍ତ ବଚନ
ଥାଏ ମୁଁ ମାନି ।
ଶୁଣ୍ଢରେ ଶୋଷାଡି ପାଣି ପିଏ, ଖାଏ
ପତର,ଘାସ
ଶିକାର କରିକି ବଅଁଶକୁ ମୋର
କରନି ନାଶ ।



Digitized by srujanika@gmail.com

# ଜେଜେ ମାଆଙ୍କର ବରାଦ

ବାପା ଯାଉଥିଲେ ଭୁବନେଶ୍ୱର
କୋଳରେ ତାଙ୍କର ପଶିକି
ଲୁଡୁପଟାଟିଏ ଆଣିବା ଲାଗି
ବାବୁଲି କହିଲା ହସିକି ।
ବିବିନାନୀ ଆସି ବରାଦ କଲା
ଆସିବ ତା ଲାଗି ଆଇନା
କହିଲି ଲୋଡା ମୋ କଣ୍ଢେଇ ଝିଅ,
ରଂଗଲିପା ମାଟି ମଇନା ।




"କିଣିବ ନିଜର ଚପଲ ହଳେ
ହାତରେ ବଳିଲେ ପଇସା
ସୂତାଶାଢ଼ିଟିଏ ଆଣିବ ପିନ୍ଧି
ବୁଲିଯିବି ସାଇ ପଡ଼ିଶା ।"



Digitized by srujanika@gmail.com

କହୁଥିଲା ବୋଉ, ସେତିକି ବେଳେ
ଝେଙ୍କେମା ଆସିଲେ ଘାଟରୁ
ପଚାରିଲେ ବାପା "ଆଣିବି କିସ
ତୁମ ଲାଗି ବଡ ହାଟରୁ ?"
ଝେଙ୍କେମା କହିଲେ "ସବୁ ତ ଅଛି
ଅଧିକା କି ଦେବୁ ଧନରେ
କେବଳ ଗୋଟିଏ ଦରବ ଲାଗି
ସରାଗ ଆସୁଛି ମନରେ ।



ଦେଖୁଛୁ ତ ଏବେ ପଢୁଛି ପାଠ
ଲେଖୁଛି ଚିଠି ତୋ ଭାଇଙ୍କି
ନାତି ନାତୁଣୀଙ୍କ ଡୋଷୁଛି ମନ
ପୋଥି ଓ ପୁରାଣ ଗାଇକି ।
ସହର ଯାଉଛୁ ଆଣିବୁ ବାବୁ
ଭଲ ଦେଖି ବହି ଯୋଡିଏ
ସାଧୁସନ୍ଥଙ୍କର କାହାଣୀ ଥିବ
ପଢିବି ବସିକି ଘଡିଏ ।"



Digitized by srujanika@gmail.com

# ଆଈର ଶାଢି



ଅଜା ଯାଇଥିଲେ ହାଟକୁ
ଚାଲିକି ଦିକୋଶ ବାଟକୁ
ଆଈ କହିଥିଲା କିଣିକି ଆଣିବ
ମୋ ଲାଗି ନାଲିଆ ପାଟକୁ ।

ପାଟ ଲୁଗା ଅଜା ଖୋଜିଲେ
ଆଈ କଥା ମନେ ହେଜିଲେ
ଶେଷକୁ ଦେଖନ୍ତି ଛାପା ଶାଢିଟିଏ
ରଂଗରେ ତାହାର ମଜିଲେ ।



ହାତରେ ଶାଢିର ପୁଡିଆ
ମନଟା ଲାଗିଲା ବଢିଆ
ଦୁଇ କୋଶବାଟ ପଲାଣି ଆସିଲେ
ଅଜା ଆମ ଲମ୍ବ ଗୋଡିଆ ।

ଘରେ ପହଞ୍ଚିଲେ ରାତିକି
ଖୁସିରେ ଫୁଲାଇ ଛାତିକି
ପାଖରେ ଆସିକି ଆଈ ଠିଆହେଲା
ସାଥିରେ ଧରିକି ନାତିକି ।



Digitized by srujanika@gmail.com

ବଡୀ ଆଲୁଅରେ ଶାଢିକି
ଦେଖେଇଲେ ଅଜା କାଢିକି
ନେଳିଆ ଜମିରେ ଅଙ୍କା ହୋଇଥିବା
ଧୋବଲା ଟଗର ଧାଡିକି ।

ଛିଞ୍ଚାଡିଲା ଆଈ ମୁହଁକୁ
ପୋଛିଲା ଦିଠୋପା ଲୁହକୁ
କହିଲା ଏ ଶାଢି ଫିଙ୍ଗିଦିଅ ନେଇ
ବାରିପଟ ଭଙ୍ଗା କୂଅକୁ ।



ପାଟଶାଢି ଗାଢ ନାଲିଆ
ପଣତଟି ପଣା ପାଲିଆ
ପିନ୍ଧିଥିଲେ ଆହା ଦିଶି ମୁଁ ଥାଆନ୍ତି
ତଉଲ ଓ ଗୁଲୁଗୁଲିଆ ।

ପାଟିକରି ଆଈ ବକିଲା
ଅଜାଙ୍କ ମୁହଁଟି ଶୁଖିଲା
ମହା ମଉଜରେ ନାତି ଟୋକା ବସି
ଅଜା ଆଈ କଳି ଦେଖିଲା ।

ଅଜା ଯାଇଥିଲେ ହାଟକୁ
ଚାଲିକି ଦିକୋଶ ବାଟକୁ
କିଣି ଆଣିଛନ୍ତି ଛାପା ଶାଢିଟିଏ
ଦେଖ ଏବେ ଆଈ ନାଟକୁ ।



Digitized by srujanika@gmail.com

# ଦୋଳ ଆସିଗଲା



ଫଗୁଣ ଆସିଲା ଫୁଲର ଗହଣା
ପିନ୍ଧିକି ସାଜିଲା ଧରା
ଶୀତର କୁହୁଡି ଦୂରେଇ, ଚହଟି
ଉଠିଲା କଅଁଳ ଖରା ।
ବଉଳବାସରେ ତୋଟା ମହମହ
ଗହଳ ଡାଳରେ ଛପି
ମହୁମିଶା ସୁରେ କୋଇଲି ଉଠିଲା
କୁହୁକୁହୁ ତାନ ଜପି ।
ଛୁଇଁଛୁଇଁ ଗଲା ମଳୟ, ଲତାରେ
ପତର ଖେଳିଲା ଦୋଳି
ବସନ୍ତେ ଛୁଟାଇ ରଂଗର ଫୁଆରା
ଆସିଲା ପରବ ହୋଲି ।




ଦୋଳ ଆସିଗଲା, ଦୋଳ ଆସିଗଲା
ଚଉଦିଗେ ପଡେ ହୁରି
ରଂଗ ଖେଳି କିଏ ବଜାଏ ମାଦଳ
କିଏ ବା ବଜାଏ ତୁରୀ ।
କିଏ ମାରୁଥାଏ ପିଚକାରୀ କିଏ
ଫିଙ୍ଗଇ ଅବିର ମୁଠେ
ଧନୀ, ନିରିଧନ ସବୁରି ପରାଣେ
ଖୁସିର ଜୁଆର ଛୁଟେ ।
ସାନବଡ଼ ଭେଦ ପାଶୋରାଇ ଦିଏ
ଏଇତ ଦୋଳର ରୀତି
ବରଷକ ପରେ ହୋଇ ଆସେ, ଆଜି
ଦୋଳ ପୂର୍ଣ୍ଣିମା ତିଥି ।




Digitized by srujanika@gmail.com

# ଦୁଇଟି ମୋର ହାତ



ଦୁଇଟି ମୋର ହାତ
ଏଇ ହାତରେ କଲମ ଧରେ
ଖାଏ ବି କ୍ଷୀର ଭାତ ।



ଗୋଟିଏ ମୋର ପାଟି
ଏଇ ପାଟିରେ ଭଜନ ଗାଏ
ରାବିଡ଼ି ଖାଏ ଚାଟି ।




ଦୁଇଟି ମୋର ଆଖି
ଏଇ ଆଖିରେ ଚିହ୍ନଇ ରଙ୍ଗ
ହଳଦୀ, ନୀଳ, ଖାକି ।

ଗୋଟିଏ ମୋର ନାକ
ଏଇ ନାକରେ ପାରଇ ଶୁଙ୍ଘି
ଗୋଲାପ ଫୁଲ ଯାକ ।

ଦୁଇଟି ମୋର କାନ
ଏଇ କାନରେ ଶୁଣେ ମୁଁ ଯେବେ
ଢୋଓ ଢା ଫୁଟେ ବାଣ ।



ଗୋଟିଏ ମୋର ମଥା
ଏଇ ମଥାରେ ସାଇତି ରଖେ
ଜାଣିବା ଯେତେ କଥା ।




ଦୁଇଟି ମୋର ଗୋଡ
ଏଇ ଗୋଡରେ ପକାଇଥାଏ
ପାହୁଣ୍ଡ ବଡ ବଡ ।

ଗୋଟିଏ ମୋର ଦିହ
ଦିହଟି ଆମ ଆସଲ ସାଥୀ
ଯତନ ତାର ନିଅ ।




Digitized by srujanika@gmail.com

# ନଡିଆ ଗଛ



ଝିରି ଝିରି ଝିରି ପତର ମୋର
ଥିରି ଥିରି ଦୋଳେ ବାଆରେ
ଫଳ ମୋ ସୁଆଦ, ଗଛରୁ ତୋଳି
ପିଲାଏ ଖୁସିରେ ଖାଆରେ
କଷିବେଳେ ଲୋକେ ପଇଡ କହି
ପିଅନ୍ତି ମୋହର ପାଣିକି
ପେଟକୁ ଶୀତଳ, ଦେହକୁ ହିତ
ବୋଲିକି ଭଲକି ଜାଣିକି ।
ପାକଳ ହୋଇଲେ ଶୁଖିଲା ଦିଶେ
ନାଆଁ ନେଇଥାଏ ନଡିଆ
ଟୁକୁଡା ଟୁକୁଡା ଖାଇକି ଦେଖ
ପାଟିକି ଲାଗିବ ବଢିଆ ।






କୋରିକି କରେ କେ ଖେଚେଡି ଭାତ
କିଏ କରେ ପୁର କାକରା
ଶାକର, ବେସର ଯାହାବି ରାନ୍ଧ
ପଡିଥାଏ ମୋର ଡାକରା ।
ତଇଳ ନିଗାଡି ଆପଣା ଦେହୁ
ଦେଇଥାଏ ଭେଟି ତୁମକୁ
ମଙ୍ଗଳ କଳସ ବସିଲା ବେଳେ
ଆସିଥାଏ ମୁଁ ଯେ କାମକୁ ।



Digitized by srujanika@gmail.com

ହାଟବାର ମୋତେ ବେପାରୀ ବିକି
ଅଣ୍ଟାରେ ଖୋଷଇ କଉଡି
ବାହୁଙ୍ଗା ମୋହର ଢାଳେଣି ହୁଏ
କତା ହୋଇଥାଏ ଦଉଡି ।
ଝାଡ଼ୁବାନ୍ଧେ କିଏ ଏକାଠି କରି
ଯେତକ ମୋହର ଖଡିକା
ଚାମର ଦୋଳାଏ ବାଗିରେ ତୁମ
ଉପରକୁ ବଢ଼ିବଢ଼ିକା ।




ସଳଖ, ସୁନ୍ଦର ଚେହେରା ମୋର
ଲୁଣି ଜଳବାୟୁ ସୁହାଏ
ସହଜେ ଭାଙ୍ଗେନି ଆସିଲେ ଝଡ
ମଥା ଯାହା ଟିକେ ନୁଆଁଏ ।
ବାଗିରେ ନେଇକି ରୋପିବ ମତେ
ପାଣି ମନ୍ଦେ ମୂଳେ ଢାଳିବ
ଉଲୁସିବ ମନ ଗଛରେ ଯେବେ
ଫଳ ପେନ୍ଥି ପେନ୍ଥି ଫଳିବ ।




Digitized by srujanika@gmail.com

# ଚଢେଇ




କିଏ ଡାକୁଥାଏ କୁମ୍ଭାଟୁଆ ବୋଲି
କିଏ ଡାକେ ବଣି ଚଢେଇ
ପାରା ବୋଲି କହି କିଏ ବା ଥଣ୍ଟକୁ
ବିରି ଚଣା ଦିଏ ବଢେଇ ।
ମୟୂର ରୂପରେ ପୁଚ୍ଛ ମେଲିଦେଇ
ନାଚେ ମୁଁ ଆଷାଢ ଆସିଲେ
କୋଇଲି ହୋଇକି କୁହୁ ତାନ ତୋଳେ
ଫଗୁଣ ବଉଳ ବାସିଲେ ।






ଗଡିଆ କୂଳରେ ଗଡିଶା ଖୋଜେ ମୁଁ
ତୁମେ କହିଥାଅ ବଗଲା
ବାଆ କଲେ ବସା ଦୋହଲୁଥାଏ ମୋ
ବାଇଆ ମୁଁ ବଡ ଚଗଲା ।
ବତକ ହୋଇକି ପହଁରିଯାଏ ମୁଁ
କଇଁଫୁଲ ଫୁଟା ଚୂଆରେ
ହଳଦୀବସନ୍ତ ନାଆଁ ମୋ ଦେହଟି
ହଳଦୀ ପାଣିରେ ଧୁଆରେ ।





Digitized by srujanika@gmail.com

କାଠହଣା ମୁହିଁ ମୁନିଆ ଥଣ୍ଟରେ
କାଠକୁ କରଇ ଟୁକୁଡା
ଅଣ୍ଡାଟକ ମୋର ଭାଜି ଖାଅ ତମେ
ନାଆଁ ମୋ ଦେଇଛ କୁକୁଡା ।
କଜଳପାତି ମୁଁ ତାରରେ ବସିକି
ଲମ୍ବ ଲାଞ୍ଜ ମୋର ହଲାଏ
ଶାରୀ ମୁଁ ପୋଷିଲେ କଥା କହିଥାଏ
ଶୁଣି ଖୁସି ସବୁ ପିଲାଏ !







ଡାମରା କାଉ ମୁଁ କାଆ କାଆ ରାବେ
ଚିକଣ କଳା ମୋ ଶରୀର
ରାଜହଂସ ମୁହିଁ ଉଧାର ଆଣିଛି
ଧୋବଲା ବରନ ପରୀର ।
ତୋତା ପକ୍ଷୀ ମୁହିଁ ସବୁଜ ପାଟରେ
ଦେହକୁ ଦେଇଛି ଘୋଡେଇ
ଭଲି ଭଲି ରଂଗ, ଭଲି ଭଲି ରୂପ
ପରିଚୟ ମୋର ଚଢେଇ ।




Digitized by srujanika@gmail.com

# ପତର



ପତର ପତର କଦଳୀ ପତର
ଭୋଗ ହେଇଥାଏ ବଢ଼ା
ସରଦିକାଶକୁ ତୁଳସୀ ପତର
ବିଧାତା ହାତରେ ଗଢ଼ା ।
ସମ୍ବର ରାନ୍ଧିଲେ ଭୃରୁସଙ୍ଗ ଗଛ
ପତର ହୁଅଇ ଖୋଜା
ଦେବଦାରୁ ଗଛ ପତର ବାନ୍ଧିକି
ହେଇଥାଏ ଘର ସଜା ।



ତେଜପତରରେ ଛପିକି ରହିଛି
ଚାଉଳ କ୍ଷିରୀର ବାସ
ହଳଦୀ ପତର ପିଠାପାଇଁ ମୋର
ମନରେ ବହୁତ ଆଶ ।
ବେଲପତରଟି ଶିବଙ୍କୁ ସୁହାଏ
କାମରେ ଲାଗଇ ତାଙ୍କ
ଶାଳୁଆ ପତରେ ତିଆର ହୁଅଇ
ଖଲି ଗିନା ଥାକଥାକ ।



Digitized by srujanika@gmail.com

ଆମ୍ବ ପତରରେ କଳସ ବସଇ
ଆସିଲେ ଗଣେଶପୂଜା
ନଡିଆପତର ଖଡିକାରେ ଆଇ
ଭାଜନ୍ତି ହୁଡୁମ୍ବ, ଭୁଜା ।
ପସାରୁଣୀ ଗଛ ପତର ବାଟିକି
ପିଅଇ ପେଟର ରୋଗୀ
ତାଳପତରର ଛତା ଧରି ଥାଏ
ଗାଆଁ ଦାଣ୍ଡ ନାଥ ଯୋଗୀ ।







ମଞ୍ଜୁଆତି ଗଛ ପତର ବାଟିକି
ରଂଗାଇଥାଏ କେ ହାତ
ନିମର ପତର ଖାଇଲେ ଅନେକ
ବେମାରି ହୁଏନି ଜାତ
ଚାହାପତରକୁ ପାଣିରେ ଫୁଟାଇ
କ୍ଷୀର, ଚିନି ଦେଇ ପିଅ
ରଜପରବରେ ପାନପତରକୁ
ଖାଅଇ କୁଆଁରୀ ଝିଅ ।
କଖାରୁ, କଳମ, ସୋରିଷ, ବଥୁଆ
ସୁନ୍‌ସୁନି, ଖଡା, ମେଥି
ସୁଆଦିଆ ଶାଗ ରାନ୍ଧିବା ପାଇଁକି
କେତେ ଯେ ପତର ଏଠି ।



Digitized by srujanika@gmail.com

## ସଂକ୍ଷେପରେ କାନନ ମିଶ୍ର



| | |
|---|---|
| ପିତା | ୰ ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ |
| ମାତା | ୰ ଶ୍ରୀମତୀ ସୁରେଖା ତ୍ରିପାଠୀ |
| ଜନ୍ମସ୍ଥାନ | କଟକ |
| ଶିକ୍ଷା | ଏମ୍.ଏ. (ଇଂରାଜୀ), ଏମ୍.ଏ. (ଓଡ଼ିଆ), ଏମ୍.ଲିଟ୍. (ତୁଳନାତ୍ମକ ସାହିତ୍ୟ), କୋବିଦ (ହିନ୍ଦୀ) |
| ପୁରସ୍କାର | ପ୍ରଜାତନ୍ତ୍ର ପ୍ରଚାର ସମିତି, ଫକୀର ମୋହନ ସାହିତ୍ୟ ପରିଷଦ, ଆଗାମୀ ଶତାବ୍ଦୀ, ସୁଧନ୍ୟା ତଥା ପ୍ରତିଭାସିକ୍ତ ଦ୍ୱାରା ସମ୍ମାନିତା ଓ ପୁରସ୍କୃତା । |

## ପୁସ୍ତକାବଳୀ - ଓଡ଼ିଆ

| | | | |
|---|---|---|---|
| ୧. | କ୍ଷୁଦ୍ରଗଳ୍ପ ସଂକଳନ | | ବହିମେଳାରୁ ବୟଫ୍ରେଣ୍ଡ ପର୍ଯ୍ୟନ୍ତ, ଅଧାଲେଖା ଦସ୍ତାବିଜ୍, ମିଶ୍ରସ୍ୱାଦ । |
| ୨. | କବିତା ସଂକଳନ | : | ତୀର୍ଥ |
| ୩. | ଫିଚର ସଂକଳନ | : | ଗପସପ, ଭିନ୍ନସ୍ୱର |
| ୪. | ଶିଶୁ କବିତା ସଂକଳନ | : | କାଗଜ ଡଙ୍ଗା, ଟୁପୁରୁ ଟୁପୁରୁ ବରଷେ ପାଣି, କାଇଁଚମାଳି, ହୀରା ମୋତି ମାଣିକ । |
| ୫. | ସମାଲୋଚନା | | ଓଡ଼ିଆ ପଦ୍ୟ ମହାକାବ୍ୟର କ୍ରମବିକାଶ । |
| ୬. | ଅନୁବାଦ | : | ସୂର୍ଯ୍ୟମୁଖୀର ସ୍ୱପ୍ନ (ମୂଳ ଆସାମୀ ଉପନ୍ୟାସର ରଚୟିତା ସୟଦ ଅବଦୁଲ୍ ମାଲିକ) |
| ୭. | ନବସାକ୍ଷରଙ୍କ ପାଇଁ କବିତା । | | |

## ଇଂରାଜୀ

1. A Tryst with Life (A collection of memoirs)

Digitized by srujanika@gmail.com